ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## 'ମୋ ସରକାର'ରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଦ୍ୱାରା ୫୨୬ ଜଣଙ୍କ ସହ ଫୋନ ଯୋଗେ ମତାମତ ସଂଗ୍ରହ

# ଜନସାଧାରଣଙ୍କ ମତକୁ ନେଇ ନିଆଯିବ ପରବର୍ତ୍ତୀ ପଦକ୍ଷେପ : ମନ୍ତ୍ରୀ ଶ୍ରୀ ସ୍ୱାଇଁ

ଭୁବନେଶ୍ୱର, ୦୧ ଜାନୁଆରୀ, ୨୦୨୦

'ମୋ ସରକାର' କାର୍ଯ୍ୟକ୍ରମରେ ଜନସାଧାରଣ ତଥା ହିତାଧିକାରୀମାନଙ୍କଠାରୁ ମିଳୁଥିବା ମତାମତ ଅନୁଯାୟୀ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଅଧିକ ସକ୍ରିୟ ଓ ଲୋକାଭିମୁଖୀ କରାଯିବ । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମଗ୍ରୀଗୁଡ଼ିକ ଯେପରି ନିୟମିତ ପାଇପାରିବେ ତାହାକୁ ନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ବ୍ୟାପକ ପରିବର୍ତ୍ତନ ପାଇଁ ୫ 'ଟି' କାର୍ଯ୍ୟକ୍ରମ ଅଧୀନରେ 'ମୋ ସରକାର' ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ । 'ମୋ ସରକାର' କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଦ୍ୱାରା ଡିସେମ୍ବର ମାସ ସୁଦ୍ଧା ୫୨୬ ଜଣ ହିତାଧିକାରୀଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା । ସେମାନଙ୍କୁ ଫୋନ୍‌ଯୋଗେ ରାସନ୍ କାର୍ଡ ପାଇଛନ୍ତି କି, ପ୍ରତ୍ୟେକ ମାସରେ ରାସନ୍ ସାମଗ୍ରୀ ପାଉଛନ୍ତି କି, ଡିଲର ସେମାନଙ୍କଠାରୁ ରାସନ୍ ପାଇଁ ଅଧିକ ଅର୍ଥ ନେଉଛନ୍ତି କି ଏବଂ ସେମାନଙ୍କ ପ୍ରତି ଡିଲରଙ୍କ ବ୍ୟବହାର କିପରି ଅଛି ଆଦି ବିଷୟରେ ପ୍ରଶ୍ନ କରାଯାଇଥିଲା । ଫୋନ ଯୋଗେ ହିତାଧିକାରୀମାନେ ଦେଇଥିବା ଉତ୍ତରଗୁଡ଼ିକ ସନ୍ତୋଷଜନକ ଥିଲା ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଜନସାଧାରଣଙ୍କ ସେବା ପାଇଁ ଉଦ୍ଦିଷ୍ଟ ଏବଂ ଲୋକମାନେ ଏହାର ପ୍ରକୃତ ମାଲିକ । ତେଣୁ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯିବା ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଅଧିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

ତାପସ କୁମାର ସାହା
ସୂଚନା ଅଧିକାରୀ